# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24 September – 2026

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଆଜି ଭାରତୀୟ ଷ୍ଟାମ୍ପ ବିଲ୍–୨୦୨୬ ସମେତ ଦୁଇଟି ବିଲ୍ ପାରିତ

– ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ପାଇଁ ଗୃହ ମୁଲତବୀ

- ପଶ୍ଚିମ–ଉତ୍ତର–ପଶ୍ଚିମ ଦିଗକୁ ଗତି କରୁଛି ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ

– ବର୍ଷାରେ ରାଜ୍ୟର ୩୭ଟି ବ୍ଲକର ୨୭୩ଟି ଗ୍ରାମ  ପ୍ରଭାବିତ ହୋଇଥିବା ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

- ପ୍ରକାଶ ପାଇଲା ସ୍ନାତକୋତ୍ତର ନିଟ୍ ପରୀକ୍ଷାଫଳ

ଏବଂ

- ଏସୀୟ କ୍ରୀଡ଼ାରେ ଗୁଳିଚାଳନା ପ୍ରତିଯୋଗିତାରେ ଭାରତୀୟ ଦଳକୁ କାଂସ୍ୟ ପଦକ

Assembly

## ବିଧାନସଭା–ଇଣ୍ଟ୍ରୋ

ବିଧାନସଭାର ଦ୍ୱିତୀୟାର୍ଦ୍ଧରେ ଅଧିବେଶନ ଆରମ୍ଭ ହେବା ମାତ୍ରକେ ବିରୋଧୀ ଦଳର ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ହଟଗୋଳ ମଧ୍ୟରେ ଦୁଇଟି ବିଲ୍ ଗୃହର ଅନୁମୋଦନ ଲାଭ କରିଛି । ବିଲ୍‌ଗୁଡିକ ହେଉଛି, ଓଡିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଏବଂ ନିୟୋଜନ କର ବିଲ୍ ୨୦୨୬ ତଥା ଭାରତୀୟ ଷ୍ଟାମ୍ପ ବିଲ୍ ୨୦୨୬ । ହଟ୍ଟଗୋଳ ଯୋଗୁଁ ବିଲ୍ ଉପରେ ଆଲୋଚନା ହୋଇପାରିନଥିବାବେଳେ ବହୁ ମତରେ ଏହାକୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପାରିତ ଘୋଷଣା କରିଥିଲେ । ହଟ୍ଟଗୋଳ ଜାରି ରହିବାରୁ ଉପବାଚସ୍ପତି ଗୃହକୁ ଆଜି ପାଇଁ ମୁଲତବୀ ଘୋଷଣା କରିଛନ୍ତି।

Assembly

## ବିଧାନସଭା–ପରିବହନ

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖାଲି ପଡିଥିବା ପଦବୀ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ରାଜ୍ୟରେ ୩୫ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରହିଛି । ଏହାଛଡା ୨ଟି ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଗୋଟିଏ ସହାୟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରହିଛି । ଏଥିରେ ପ୍ରଥମ ଶ୍ରେଣୀର ୧୩୭ଟି, ଦ୍ୱିତୀୟ ଶ୍ରେଣୀର ୧୯୭ଟି ଓ ତୃତୀୟ ଶ୍ରେଣୀର ୪୩୮ଟି ଓ ଚତୁର୍ଥ

ଶ୍ରେଣୀର ୪୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି । ଏହି ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୨୭୬ଟି ପଦବୀ ଖାଲି ରହିଛି । ୧୨ଜଣ ଅଧିକାରୀ ଆଞ୍ଚଳିକ ପରିବହନ ଅଧିକାରୀ, ମୋଟରଯାନ ନିରୀକ୍ଷକ ଭଳି ପଦବୀରେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

I&PR

## ରାଜ୍ୟସ୍ତରୀୟ ସଦସ୍ୟତା

ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଆସନ୍ତାକାଲି ରାଜ୍ୟସ୍ତରୀୟ ସଦସ୍ୟତା ଅଭିଯାନ, ଲାଭାଂଶ ବଣ୍ଟନର ଶୁଭାରମ୍ଭ, ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭୁବନେଶ୍ୱର କୃଷି ଶିକ୍ଷା ସଦନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏଥିରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଧ୍ୟ ଉପସ୍ଥିତ ରହିବେ।

Desk

# ପାଣିପାଗ-ବର୍ଷା

ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଗତକାଲି ବିଳମ୍ବିତ ରାତିରେ ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍‌ଠାରେ ସ୍ଥଳଭାଗ ଅତିକ୍ରମ କରିବା ପରେ ପଶ୍ଚିମ –ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି। ଏହା ଆଜି ସୁଦ୍ଧା ଧୀରେ ଧୀରେ ଦୁର୍ବଳ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି।

ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତିରୁ ଅତିପ୍ରବଳ ବର୍ଷା ହେବା ନେଇ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି  ନୂଆପଡା, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ରାଜ୍ୟରେ ବର୍ଷା ପରିସ୍ଥିତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି, ଗଭୀର ଅବପାତ ଯୋଗୁଁ ରାଜ୍ୟର ୬ଟି ଜିଲ୍ଲା କୋରାପୁଟ, ଗଜପତି, ମାଲକାନଗିରି, ଗଞ୍ଜାମ, ନବରଙ୍ଗପୁର ଏବଂ ରାୟଗଡ଼ାର ୩୭ଟି ବ୍ଲକ ଅନ୍ତର୍ଗତ ୧୨୭ଟି ପଞ୍ଚାୟତର ୨୭୩ଟି ଗ୍ରାମ ପ୍ରଭାବିତ ହୋଇଛି। ଏହାସହ ୫ଟି ସହରାଞ୍ଚଳର ୨୦ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଏହି ସମୟ ମଧ୍ୟରେ ୮ହଜାର ୮୨ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି, ନିୟମିତ ଭାବରେ କ୍ଷେତ୍ରୀୟ ସ୍ଥିତି ଆକଳନ କରାଯାଉଛି। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପ୍ରସ୍ତୁତିମୂଳକ ପଦକ୍ଷେପ, ରାତ୍ରୀକାଳୀନ ପାଟ୍ରୋଲିଂ, ଜଳସ୍ତର ନିରୀକ୍ଷଣ ଏବଂ ପୁନରୁଦ୍ଧାର ବ୍ୟବସ୍ଥା ଜାରି ରହିଛି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସାମଗ୍ରୀକ ପରିସ୍ଥିତିକୁ ନେଇ

ତୀକ୍ଷ୍ଣ ନଜର ରଖାଯାଇଛି। ବିଭିନ୍ନ ଜିଲ୍ଲାରୁ ପ୍ରାପ୍ତ ରିପୋର୍ଟ ଅନୁସାରେ ଏ ପର୍ଯ୍ୟନ୍ତ କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

**- V/O –**

Nabarangpur/Kalahandi/Malkangiri

## ଜିଲ୍ଲା–ବର୍ଷା

ମାଲକାନଗିରି ଜିଲ୍ଲାରେ ଗତ ତିନିଦିନ ମଧ୍ୟରେ ୭୧୮ ଦଶମିକ ୮ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷା ଯୋଗୁଁ ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି-୯୦, ଏମ୍‌ଭି-୯୬, ମହାରାଜପାଲି, ପାଙ୍ଗାମ ଓ କାଲିମେଳା କନ୍ୟାଶ୍ରମସ୍ଥିତ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଜିଲ୍ଲା ସଦରମହକୁମାଠାରୁ ସମ୍ପୃକ୍ତ ଅଞ୍ଚଳଗୁଡ଼ିକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜିଲ୍ଲାର ବାୟାପଡ଼ା ଘାଟିର ତିନୋଟି ସ୍ଥାନରେ ମାଟି ଅତଡ଼ା ଖସିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଜିଲ୍ଲାର ଚାରିଜଣ ବରିଷ୍ଠ ଅଧିକାରୀ ୪ଟି ପ୍ରଭାବିତ ସ୍ଥାନରେ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ସୂଚନା ଅନୁଯାୟୀ, ଜିଲ୍ଲାର ବିଭିନ୍ନ ବ୍ଲକର ୮୦୫ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି।

ନବରଙ୍ଗପୁର ଜିଲ୍ଲାରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ପଲିଥିନ

ସିଟ୍, ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ସୁରକ୍ଷିତ ସ୍ଥାନ, ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ନବରଙ୍ଗପୁର ଜିଲ୍ଲାରେ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସମସ୍ତ ଅଙ୍ଗନବାଡ଼ି ଓ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି।

କଳାହାଣ୍ଡି ଜିଲ୍ଲାରେ ବାତ୍ୟା ପ୍ରଭାବରେ  ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସମସ୍ତ ଅଙ୍ଗନବାଡ଼ି ଓ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି।

Kandhamal

## କଳିଙ୍ଗାଘାଟି ବନ୍ଦ

କନ୍ଧମାଳ ଜିଲ୍ଲା କଳିଙ୍ଗାଘାଟିର ଅନ୍ଧାରିକୋଟ ନିକଟରେ ସୁରକ୍ଷା ପ୍ରାଚୀର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ସେଠାରେ ଭୂସ୍ଖଳନ  ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ଲଗାଣ ବର୍ଷା ହେଉଥିବାରୁ କନ୍ଧମାଳ ଜିଲ୍ଲାପାଳ କଳିଙ୍ଗାଘାଟି ଦେଇ ଯାତାୟାତକୁ ସମ୍ପୂର୍ଣ୍ଣଭାବେ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମୁତୟନ ସହ ଘାଟିରେ ଚାଲିଥିବା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରି ଶ୍ରମିକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

Desk

## ନୀଟ୍ - ପି.ଜି. ରେଜଲ୍ଟ୍

ଡାକ୍ତରୀ ପାଠ୍ୟକ୍ରମପାଇଁ ସ୍ନାତକୋତ୍ତର ନୀଟ୍ - ୨୦୨୬ ପରୀକ୍ଷା ଫଳ ପ୍ରକାଶ ପାଇଛି । ଜାତୀୟ ଚିକିତ୍ସା ବିଜ୍ଞାନ ପରୀକ୍ଷା ବୋର୍ଡ଼ - ଏନ୍.ବି.ଇ.ଏମ୍.ଏସ୍. ପକ୍ଷରୁ ସରକାରୀ ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହେଉଛି । ଗତମାସ ୩୦ ତାରିଖରେ ଦେଶବ୍ୟାପୀ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମୋଟ୍ ୨ ଲକ୍ଷ ୬୫ ହଜାର ୯୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଆସନ୍ତା ପହିଲାରୁ ୱେବ୍‌ସାଇଟ୍‌ରୁ ଛାତ୍ରଛାତ୍ରୀ ସେମାନଙ୍କର ସ୍କୋର୍ କାର୍ଡ଼ ଡାଉନ୍‌ଲୋଡ଼୍ କରିପାରିବେ । ଏନ୍.ବି.ଇ.ଏମ୍.ଏସ୍. ଦେଇଥିବା ସୂଚନା ଅନୁଯାୟୀ ଆସନ୍ତାମାସ ପହିଲାରୁ ୱେବ୍‌ସାଇଟ୍‌ରେ ଉତ୍ତରାବଳୀ ପ୍ରକାଶ ପାଇବ ।

HS

## ସହରୀ ଯାତାୟାତ ପରିବର୍ତ୍ତନ ଯୋଜନା

ରାଜ୍ୟରେ ସ୍ଥାୟୀ ସହରୀ ଯାତାୟାତ ପରିବର୍ତ୍ତନ ଯୋଜନା ପ୍ରସ୍ତୁତି ଉପରେ ଏକ କର୍ମଶାଳା ଆଜି ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଏସୀୟ ବିକାଶ ବ୍ୟାଙ୍କ ସହଯୋଗରେ ଅନୁଷ୍ଠିତ କର୍ମଶାଳାରେ ଭୁବନେଶ୍ୱର–କଟକ–ପୁରୀ–ପାରାଦ୍ୱୀପ ଆର୍ଥିକ ଅଞ୍ଚଳ ପାଇଁ ଏକ ବ୍ୟାପକ ସ୍ଥାୟୀ ସହରୀ ଯାତାୟାତ ଢାଞ୍ଚା ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଛି । ବିଭାଗୀୟ ଅତିରିକ୍ତ ସଚିବ ଉଷା ପାଢ଼ି କର୍ମଶାଳାରେ ଯୋଗଦେଇ କହିଛନ୍ତି, ଏହି ଯୋଜନା ଦସ୍ତାବିଜ ପ୍ରସ୍ତୁତିରେ

ସୀମିତ ନ ରହି କାର୍ଯ୍ୟରେ ପରିଣତ ହେବା ଆବଶ୍ୟକ। ଓଡ଼ିଶା ଦ୍ରୁତ ସହରୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ପ୍ରବେଶ କରୁଥିବାରୁ ଏଥିଲାଗି ଦୂରଦୃଷ୍ଟି ସମ୍ପନ୍ନ ଓ ସମନ୍ୱିତ ଯୋଜନାର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ପାଢ଼ି କହିଛନ୍ତି।

Kataka

## ବିଶ୍ୱ ସାମୁଦ୍ରିକ ଦିବସ

କଟକସ୍ଥିତ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ପରିସରରେ ଆଜି ବିଶ୍ୱ ସାମୁଦ୍ରିକ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗ ଓ ସାମୁଦ୍ରିକ ସଂଗ୍ରହାଳୟ ସହ ସମ୍ପୃକ୍ତ ଅଧିକାରୀମାନେ ଓଡ଼ିଶାର ସାମୁଦ୍ରିକ ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ, ସମୁଦ୍ର ଯାତ୍ରା ସମ୍ପର୍କିତ ଏକ ପୋଷ୍ଟର ପ୍ରଦର୍ଶନୀ ଆୟୋଜନ ହୋଇଥିଲା।

Boudh

## ଭିତ୍ତିପ୍ରସ୍ତର ସ୍ଥାପନ

ବୌଦ୍ଧ ଜିଲ୍ଲା ନ୍ୟାୟିକ ବିଭାଗ ଅଧୀନରେ କେତେକ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଆଭାସୀ ଜରିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

Desk

## ଆକାଶବାଣୀ–ସ୍ୱଚ୍ଛତା କାର୍ଯ୍ୟକ୍ରମ

ଆକାଶବାଣୀ କଟକ କେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳନ କରାଯାଉଛି । ଏହିକ୍ରମରେ କେନ୍ଦ୍ରର  କର୍ମଚାରୀମାନେ ସ୍ୱଚ୍ଛତା ଶପଥପାଠ କରିଥିଲେ। ଏହାସହ କାର୍ଯ୍ୟାଳୟ ପରିସରରେ ସଫେଇ ଅଭିଯାନ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କେନ୍ଦ୍ର ପକ୍ଷରୁ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବକ୍ତୃତା, ପ୍ରବନ୍ଧ, ପ୍ରଶ୍ନୋତ୍ତରୀ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତାମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

Boudh

## କରମା ପର୍ବ

ବୌଦ୍ଧ ଜିଲ୍ଲାର ପୁରପଲ୍ଲୀରେ ମା'କରମସାନିଙ୍କ ବାର୍ଷିକ ପୂଜା ଓ କରମା ପର୍ବ ଅନୁଷ୍ଠିତ ହୋଇଛି । ଶ୍ରଦ୍ଧାଳୁମାନେ ଏକ ଶୋଭାଯାତ୍ରାରେ ମା' କରମସାନିଙ୍କ ପ୍ରତୀକଭାବେ ଏକ ଗଛଡାଳକୁ ବରଣ କରି ପୂଜାମଣ୍ଡପକୁ ନେଇଥିଲେ । ଲୋକମାନେ ନିଜ ଘର ସମ୍ମୁଖରେ ମା' କରମସାନିଙ୍କ ପୂଜା କରିଥିଲେ। ଶ୍ରଦ୍ଧାଳୁମାନେ ଏହି ଅବସରରେ କରମା ନୃତ୍ୟ ପରିବେଷଣ କରିଥିବା ଜଣାପଡ଼ିଛି ।

English Pool

## ଏସୀୟ କ୍ରୀଡ଼ା

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଆଜି ଗୁଳିଚାଳନା ପ୍ରତିଯୋଗିତାର ଦଳଗତ ମୁକାବିଲାରେ ଅନନ୍ତଜିତ ସିଂହ ନାରୁକା ଓ ପରିଣାଜ ଧାଲିଓ୍ୱାଲ କାଂସ୍ୟପଦକ ହାସଲ କରିଛନ୍ତି। ଦଳଗତ ପର୍ଯ୍ୟାୟରେ ଭାରତ ପ୍ରଥମଥର ପାଇଁ ଏସୀୟ କ୍ରୀଡ଼ାରେ ଗୁଳିଚାଳନାରେ ପଦକ ହାସଲ କରିଛି। ଅନ୍ୟପକ୍ଷରେ ମୁଷ୍ଟିଯୋଦ୍ଧାରେ ମହିଳା ୬୫ କିଲୋଗ୍ରାମ ବର୍ଗରେ ତାଜିକିସ୍ତାନ ଖେଳାଳିଙ୍କୁ ପରାସ୍ତ କରି ପରଭିନ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି।

Jajpur/Nuapada (2)/Ganjam/Rayagada/Debagada

## *ଏବେ କିଛି ସମ୍ବାଦ ସଂକ୍ଷେପରେ...*

୧. ଯାଜପୁର  ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ଅନୁସୂଚିତ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

୨. ନୂଆପଡ଼ା, ଖଡ଼ିଆଳ ଓ ଖରିଆର ରୋଡ୍ ଏନ୍ ?ଏସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଆର୍ଥିକ ସ୍ଥିତି, ରାଜସ୍ୱ ଆଦାୟ, ସହରାଞ୍ଚଳ ଭିତ୍ତିଭୂମି ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମେତ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଛି।

୩. ଗଞ୍ଜାମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ରାଉଳଙ୍କ ନେତୃତ୍ୱରେ କୃଷି ବିଭାଗର ଏକ ଟିମ୍ ଜଳମଗ୍ନ ଧାନଚାଷ ଜମିର ସ୍ଥିତି ଅନୁଧ୍ୟାନ କରିଛନ୍ତି ।

୪. ରାୟଗଡା ଜିଲାରେ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ରଘୁବାରୀ ଅମ୍ବାଦଳା ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି ।

୫. ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆ ଠାରେ ୬୫ ତମ ସାହାଣୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର କୋରାପୁଟ-କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଡ୍ର ରହିଛି ।

୬. ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଇ ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଏବଂ ଜୀବନ ଜ୍ୟୋତି ସମନ୍ୱିତ ନିଶା ନିବାରଣ ଓ ଥଇଥାନ କେନ୍ଦ୍ର ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ।